# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 30 September – 2025

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ସମାରୋହକୁ କରିବେ ସମ୍ବୋଧନ
- ରାଜ୍ୟରେ ହାତୀଙ୍କ ସୁରକ୍ଷା ପାଇଁ ଦୀର୍ଘକାଳୀନ ଯୋଜନା ସହ ବାସସ୍ଥାନ ସୃଷ୍ଟି କରାଯିବ; କହିଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ
- ଅନୁବାଦକମାନଙ୍କ କାର୍ଯ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ଅନୁବାଦ ଦିବସ
- ଆଧାତ୍ମିକ ପରିବେଶ ମଧ୍ୟରେ ରାଜ୍ୟର ପୁରପଲ୍ଲୀରେ ଚାଲିଛି ମା’ ଦୁର୍ଗାଙ୍କ ଆରାଧନା

ଏବଂ

- ବଙ୍ଗୋପସାଗରରେ ଆସନ୍ତାକାଲି ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା; ବୁଧବାର ସୁଦ୍ଧା ନେବ ଅବପାତର ରୂପ

## ଡାକଟିକଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ-ଆରଏସ୍‌ଏସ୍‌ର ଶତବାର୍ଷିକୀ ସମାରୋହରେ ଯୋଗଦେବେ। ଦିଲ୍ଲୀର ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ ଆୟୋଜିତ ସମାରୋହରେ ପ୍ରଧାନମନ୍ତ୍ରୀ ସମାବେଶକୁ ସମ୍ବୋଧିତ କରିବେ। ଏହି ଅବସରରେ ସେ ରାଷ୍ଟ୍ର ପ୍ରତି ଆରଏସ୍‌ଏସ୍‌ର ଅବଦାନକୁ ଦର୍ଶାଇ ସ୍ୱତନ୍ତ୍ର ଡିଜାଇନ୍ କରାଯାଇଥିବା ସ୍ମାରକୀ ଡାକଟିକଟ ଏବଂ ମୁଦ୍ରା ଉନ୍ମୋଚନ କରିବେ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି।

## ହାତୀଙ୍କ ପାଇଁ ଧାନଚାଷ

ରାଜ୍ୟରେ ହାତୀଙ୍କ ସୁରକ୍ଷା ପାଇଁ ଦୀର୍ଘକାଳୀନ ଯୋଜନା ସହ ବାସସ୍ଥାନ ସୃଷ୍ଟି ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି। ରାଜ୍ୟର ୩୩ ଭାଗ ଜଙ୍ଗଲରେ ବର୍ତ୍ତମାନ ୨ ହଜାରରୁ ଊର୍ଦ୍ଧ୍ୱ ହାତୀ ଅଛନ୍ତି। ସେଥିମଧ୍ୟରୁ ୧୮ ଶହ ହାତୀଙ୍କ ପାଇଁ ବାସସ୍ଥାନ ରହିଛି। ବାକି ୩୦୦ ରୁ ୪୦୦ ହାତୀଙ୍କ ପାଇଁ ଉପଯୁକ୍ତ ବାସସ୍ଥାନ ସୃଷ୍ଟି କରିବା ଏବଂ ଋତୁ ଅନୁଯାୟୀ ସେମାନଙ୍କୁ ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟରେ ପଣସ, ଆମ୍ବ, ବାଉଁଶ ଏବଂ ଧାନ ଚାଷ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି।

## ଡାକସେବା

ଦେଶର ସମସ୍ତ ଗ୍ରାହକଙ୍କ ପାଇଁ ଡାକସେବାକୁ ଦ୍ରୁତ, ନିର୍ଭରଯୋଗ୍ୟ ଏବଂ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ଭାରତୀୟ ଡାକ ବିଭାଗ ପକ୍ଷରୁ ଡାକସେବାରେ ନୂଆ ବୈଶିଷ୍ଟ୍ୟ ପ୍ରଚଳନ କରାଯାଇଛି। ଓଟିପି ଆଧାରିତ

ସୁରକ୍ଷିତ ବିତରଣ, ଅନ୍‌ଲାଇନ୍ ପେମେଣ୍ଟ, ଏସ୍‌ଏମ୍‌ଏସ୍ ଆଧାରିତ ବିଜ୍ଞପ୍ତି, ସୁବିଧାଜନକ ଅନ୍‌ଲାଇନ୍ ବୁକିଂ, ପ୍ରକୃତ ସମୟ ଅପ୍‌ଡେଟ୍ ଏବଂ ପଞ୍ଜୀକରଣ ସୁବିଧାର ବ୍ୟବସ୍ଥା କରାଯାଇଛି । ଗତ ୨୫ ତାରିଖରେ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଡାକସେବାରେ ଲାଗୁ କରାଯାଇଥିବା ସଂଶୋଧିତ ଶୁଳ୍କ ଆସନ୍ତାକାଲିଠାରୁ କାର୍ଯ୍ୟକାରୀ ହେବ । ଛାତ୍ରଛାତ୍ରୀଙ୍କ ପାଇଁ ସ୍ପିଡ୍‌ପୋଷ୍ଟ ମାଧ୍ୟମରେ ଆବେଦନପତ୍ର ପ୍ରେରଣ ଉପରେ ଲାଗୁ କରାଯାଇଥିବା ସଂଶୋଧିତ ଶୁଳ୍କ ଉପରେ ୧୦ପ୍ରତିଶତ ରିହାତି ଘୋଷଣା କରାଯାଇଛି ।

## ନବରାତ୍ର ପୂଜା

ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆଜି ଶକ୍ତିପ୍ରଦାୟିନୀ ମା' ଦୁର୍ଗାଙ୍କର ନବମୀ ପୂଜା ଚାଲିଛି । ନବମ ଦିବସରେ ମା' ସିଦ୍ଧିଦାତ୍ରୀ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଉଛନ୍ତି । ପୂଜା ମଣ୍ଡପଗୁଡ଼ିକରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ଅଷ୍ଟମୀ ପୂଜା ସ୍ୱତନ୍ତ୍ର ନୀତିକାନ୍ତିରେ ଅନୁଷ୍ଠିତ ହେଉଛି । ମହାସପ୍ତମୀରେ ଗତକାଲି ମା'ଙ୍କର ଚକ୍ଷୁଦାନ କରାଯାଇଥିଲା । ଆଜି ମହାଷ୍ଟମୀରେ ସନ୍ଧିପୂଜା କରାଯାଉଛି ।

ଜଗତ୍‌ଜନନୀ, ଜଗଦ୍ଧାତ୍ରୀ, ଆଦ୍ୟାଶକ୍ତି, ମା' ଦୁର୍ଗାଙ୍କର ଶାରଦୀୟ ଧରାବତରଣ ଅବସରରେ ପୁରପଲ୍ଲୀ ଚଳଚଞ୍ଚଳ ହୋଇଉଠିଛି । ଷୋଡ଼ଶ ଦିନାତ୍ମକ, ନବରାତ୍ରି ଓ ତ୍ରିଦିନାତ୍ମକ ପୂଜା ସହ ମା'ଙ୍କୁ ଭକ୍ତିପୂତ ଆବାହନ କରାଯାଇଛି । ଘଣ୍ଟଘଣ୍ଟା, ହୁଳହୁଳି ଓ ଭକ୍ତର ଆବେଗପୂର୍ଣ୍ଣ ଭାବଭକ୍ତିରେ ମଣ୍ଡପରୁ ମନ୍ଦିର ମୁଖରିତ ହୋଇଉଠିଛି । ବ୍ରାହ୍ମଣଙ୍କ ମନ୍ତ୍ରଧ୍ୱନୀରେ ଅଭିମନ୍ତ୍ରିତ ହେଉଛି ପୂଜାସ୍ଥଳୀ ।

କେନ୍ଦୁଝରସ୍ଥିତ ଝୁମ୍ପୁରା ପୂଜାମଣ୍ଡପରେ ଜଗତ୍‌ଜନନୀ ମା' ଦୁର୍ଗାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂଜାର୍ଚ୍ଚନା କରିଛନ୍ତି। ମା'ଙ୍କ ପୂଜାରେ ସାମିଲ ହେବା ଏକ ଦିବ୍ୟ ଅନୁଭବ। ସମସ୍ତଙ୍କ ଉପରେ ମା'ଙ୍କ କୃପା ରହିଥାଉ ବୋଲି ଶ୍ରୀ ମାଝୀ କାମନା କରିଛନ୍ତି।

**କୋରାପୁଟ** ଜିଲ୍ଲାର ବିଭିନ୍ନ ଅଂଚଳରେ ଆଜି ଉତ୍ସାହ ଓ ଭକ୍ତିଭାବରେ ମହାଷ୍ଟମୀ ପାଳିତ ହୋଇଛି। ଭଗବତୀ, ଦକ୍ଷିଣକାଳୀ, ମୁତ୍ୟାଲମ୍ମା ଓ ବିରିକୋମ୍ବ ମନ୍ଦିରରେ ମା'ଙ୍କର ବିଶେଷ ପୂଜାର୍ଚ୍ଚନା ନୀତି ଅନୁଷ୍ଠିତ ହୋଇଛି। କୋରାପୁଟ, ପଟାଙ୍ଗୀ, ନନ୍ଦପୁର, ଦଶମନ୍ତପୁର, ବୋରିଗୁମ୍ମା ଓ କୋଟପାଡ ଅଞ୍ଚଳରେ ଆଦିବାସୀ ଭାଇଭଉଣୀମାନେ ସ୍ଥାନୀୟ ହୁଣ୍ଡିରେ ପାରମ୍ପରିକ ପ୍ରଥା ଅନୁଯାୟୀ ଦେବୀଙ୍କୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଛନ୍ତି।  ଜିଲ୍ଲାର ବିଭିନ୍ନ ସ୍ଥାନରୁ ୨୨ଟି ପବିତ୍ର ଲାଠି ଜୟପୁରରେ ପହଞ୍ଚିଥିଲା। ଏହି ଲାଠିଗୁଡ଼ିକୁ ଭଗବତୀ ଓ ଦକ୍ଷିଣକାଳୀ ମନ୍ଦିରରେ ଦଶହରା ଶେଷ ପର୍ଯ୍ୟନ୍ତ ପୂଜା କରାଯିବ।

**ନୟାଗଡ଼** ଜିଲ୍ଲାର ଭାପୁର, ଖଣ୍ଡପଡ଼ା, ଓଡ଼ଗାଁ, ରଣପୁର, ଦଶପଲ୍ଲା, ବଣିଆଁ ଓ ନୂଆଗାଁ ବ୍ଲକ୍‌ରେ ବିଭିନ୍ନ ପୂଜାମଣ୍ଡପରେ ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି।

**ସୁବର୍ଣ୍ଣପୁର** ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ସହ ଖମ୍ବେଶ୍ୱରୀ, ସମଲେଇ, ରାମଚଣ୍ଡୀ, କୋଶଳେଶ୍ୱରୀ, ଚରଦେଶ୍ୱରୀଙ୍କ ପରି ଅଷ୍ଟଚଣ୍ଡୀଙ୍କ ମନ୍ଦିରରେ ଶାରଦୀୟ ପୂଜା ଚାଲିଛି। ମା' ସୁରେଶ୍ୱରୀ ସିଦ୍ଧିଦାତ୍ରୀ ବେଶରେ ଆଜି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

**ନବରଙ୍ଗପୁର** ଉମରକୋଟ ନିକଟସ୍ଥ ପୂଜାରୀଭରଣ୍ଡୀର ମା' ପେଣ୍ଠ୍ରାଣୀଙ୍କ ପ୍ରତୀକ ଲାଠି ଜୟପୁରରୁ ପଟୁଆରାରେ ଆସିଥାନ୍ତି। ଦଶହରା ମହୋତ୍ସବ ସରିବା ପରେ ମା'ଙ୍କ ପ୍ରତ୍ୟାବର୍ତ୍ତନ ଯାତ୍ରା ଆରମ୍ଭ ହୋଇଥାଏ। ମୂଳପୀଠରୁ ଜୟପୁରକୁ ଯିବାକୁ ୧୦ ଦିନ ସମୟ ଲାଗିଥାଏ।

## ସୁସ୍ଥ ନାରୀ ସଶକ୍ତ ପରିବାର

ବାଚସ୍ପତି ସୁରମା ପାଢ଼ୀ ଭୁବନେଶ୍ୱରସ୍ଥିତ ଏମ୍ସ୍ ପରିଦର୍ଶନ କରି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପକ୍ଷରୁ ଚାଲିଥିବା ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ସାମିଲ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଏହି ଅବସରରେ ଚିକିତ୍ସା ପାଇଁ ଆସିଥିବା ମହିଳାମାନଙ୍କ ସହିତ ଆଲୋଚନା କରିଥିଲେ। ଚଳିତମାସ ୧୭ ତାରିଖରୁ ଜାରିରହିଥିବା ଏହି ଅଭିଯାନ ଅନ୍ତର୍ଗତ ସ୍ୱାସ୍ଥ୍ୟ ପରୀକ୍ଷା ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ବର୍ତ୍ତମାନ ସୁଦ୍ଧା ବହୁ ସଂଖ୍ୟାରେ ମହିଳାମାନେ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ନେଇ ଏମ୍ସ୍ କର୍ତ୍ତୃପକ୍ଷ କହିଛନ୍ତି।

## କ୍ରାନ୍ତି ଦିବସ

ରକ୍ତତୀର୍ଥ ଭାବେ ପରିଚିତ **ନୂଆପଡ଼ା** ଜିଲ୍ଲାର ସାଲିହାଗଡ଼ରେ ଆଜି କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସମାରୋହରେ ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗଦେଇ ବୀରସଂଗ୍ରାମୀଙ୍କ ଦାୟଦମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମାରୋହରେ ଅତିଥିମାନେ ସ୍ୱାଧୀନତା ସଂଗ୍ରାମରେ ସାଲିହାଗଡ଼ର ବୀର ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ।

ଗୋ-ଚାରଣ ଓ ଜଙ୍ଗଲରୁ  ଜାଳେଣୀ ସଂଗ୍ରହ ଉପରେ ଇଂରେଜ ସରକାର ଲଗାଇଥିବା ଟିକସକୁ ବିରୋଧ କରି ୧୯୩୦ ମସିହା ସେପ୍ଟେମ୍ବର ମାସ ୩୦ ତାରିଖରେ ସାଲିହାଗଡ଼ରେ ୨୩ ଜଣ ସଂଗ୍ରାମୀ ଏକତ୍ରିତ ହୋଇଥିବାବେଳେ ସିପାହୀଙ୍କ ଗୁଳିରେ ପ୍ରାଣବଳି ଦେଇଥିଲେ ।

# ସେବାପର୍ବ-ଜାତୀୟ ଶିକ୍ଷାନୀତି

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି ।

ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳାଙ୍କ ମହାକାଶକୁ ଐତିହାସିକ ଯାତ୍ରା ଭାରତର ମହତ୍ୱାକାଂକ୍ଷୀ ମହାକାଶ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଉଛି ଏବଂ ନୂତନ ଯୁଗକୁ ପ୍ରେରଣା ଦେଉଛି ।

## Seba Parba Opening

ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳା ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରୁ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ କରି ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଇତିହାସ ରଚିଛନ୍ତି । ସେ ତାଙ୍କ ସହ ୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନ ନେଇ ଯାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ମହାକାଶ ଅନୁସନ୍ଧାନରେ ଅନେକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ କରାଯାଇଛି । ସେଥିମଧ୍ୟରୁ ଏହା ଥିଲା ଏକ ଅନ୍ୟତମ ଅଂଶ । ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ଥିବା ମହାକାଶଚାରୀଙ୍କ ସହ ବାର୍ତ୍ତାଳାପ ସମୟରେ

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଭାରତର ପ୍ରଥମ ମାନବ ମହାକାଶ ମିଶନ ଗଗନାୟନର ଏହା ସଫଳତା ଆଡକୁ ପ୍ରଥମ ପଦକ୍ଷେପ।

**V/O**

ମହାକାଶରେ ଥିବା ସମୟରେ ଶୁଭାଂଶୁ ଶୁକ୍ଲା ଏବଂ ତାଙ୍କର ଦଳ ଭାରତୀୟ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ବିକଶିତ ୭ଟି ମାଇକ୍ରୋ ଗ୍ରାଭିଟି ପରୀକ୍ଷଣର ସୁଟ୍ ସମାପ୍ତ କରିଥିଲେ। ଏହି ମିଶନର ବିଦାୟକାଳୀନ ଉତ୍ସବ ସମୟରେ ଶୁଭାଂଶୁ କହିଥିଲେ, ମହାକାଶରୁ ତଳକୁ ଅନାଇଲେ ଆଜିର ଭାରତ ମହତ୍ୱାକାଂକ୍ଷୀ, ନିର୍ଭୀକ ଏବଂ ଆତ୍ମବିଶ୍ୱାସୀ ପ୍ରତିତ ହେଉଛି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

**Seba Parba Closing**

# ଅନ୍ତର୍ଜାତୀୟ ଅନୁବାଦ ଦିବସ

ଭାବ ଆଦାନ ପ୍ରଦାନରେ ଭାଷାର ଉପଯୋଗିତା ଏବଂ ଗୋଟିଏ ଭାଷାକୁ ଅନ୍ୟ ଭାଷାରେ ଅନୁବାଦର ବ୍ୟବହାରକୁ ଉପଲବ୍ଧି କରି ଆଜି ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନ କରାଯାଉଛି । ପୃଥିବୀରେ ୬ ହଜାର ୫୦୦ରୁ ଅଧିକ କଥିତ ଭାଷା ଅଛି । ଯାହାର ପ୍ରତିବନ୍ଧକକୁ ଦୂର କରିବା ପାଇଁ ଅନୁବାଦକମାନେ ସାହାଯ୍ୟ କରିଥାନ୍ତି । ୧୯୫୩ ମସିହାରୁ ଅନ୍ତର୍ଜାତୀୟ ଅନୁବାଦକ ସଂଘ ଆନୁକୂଲ୍ୟରେ ଏହି ଦିବସ ପାଳିତ ହୋଇଆସୁଛି । ବିଭିନ୍ନ ରାଷ୍ଟ୍ର ପାରସ୍ପରିକ କଥାବାର୍ତ୍ତା ମାଧ୍ୟମରେ ପୃଥିବୀରେ ଶାନ୍ତି, ସୁରକ୍ଷା ଓ ପ୍ରଗତିକୁ ସଶକ୍ତ କରିବା ପାଇଁ ଅନୁବାଦକମାନଙ୍କ ଭୂମିକାକୁ ମନେପକାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି ।

# ପାଣିପାଗ

ଉତ୍ତର ଆଣ୍ଡାମାନ ସାଗରରେ ଆଜି ଆଉ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉତ୍ତର ପାର୍ଶ୍ୱବର୍ତ୍ତୀ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଆସନ୍ତାକାଲି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇ ୨ ତାରିଖରେ ଅବପାତର ରୂପ ନେବାର ସମ୍ଭାବନା ଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି।

ମହାନଦୀର ଉପରମୁଣ୍ଡରେ ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି ଆଜି ମଧ୍ୟାହ୍ନରେ ହୀରାକୁଦ ନଦୀବନ୍ଧର ଆଉ ୨ଟି ଗେଟ୍ ଖୋଲାଯାଇଛି। ସନ୍ଧ୍ୟାସୁଦ୍ଧା ୧୦ଟି ଗେଟ୍ ଦେଇ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସିତ ହେଉଛି।